# Prime Minister holds telephone conversation with the President of the U.S.A.

February 14, 2023

## ଆମେରିକା ରାଷ୍ଟ୍ରପତି ମହାମହିମ ଶ୍ରୀ ଜୋସେଫ ଆର. ବାଇଡେନଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଟେଲିଫୋନ ବାର୍ତ୍ତାଳାପ

ଫେବୃଆରୀ 14, 2023

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଓ ଯୁକ୍ତରାଷ୍ଟ୍ର ଆମେରିକା ରାଷ୍ଟ୍ରପତି ମହାମହିମ ଶ୍ରୀ ଜୋସେଫ ଆର. ବାଇଡେନଙ୍କ ମଧ୍ୟରେ ଆଜି ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ଓ ଉପଯୋଗୀ ବାର୍ତ୍ତାଳାପ ହୋଇଛି ।

ଭାରତ- ଆମେରିକା ବ୍ୟାପକ ବୈଶ୍ୱିକ ରଣନୈତିକ ଭାଗିଦାରୀ ମଜବୁତ ହେବାର ଫଳସ୍ୱରୂପ ସମସ୍ତ କ୍ଷେତ୍ରରେ ଜୋରଦାର ବିକାଶ ହୋଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ରାଷ୍ଟ୍ରପତି ବାଇଡେନ ସନ୍ତୋଷ ବ୍ୟକ୍ତ କରିଛନ୍ତି । ପାରସ୍ପରିକ ଲାଭଜନକ ସହଯୋଗର ଚମତ୍କାର ଉଦାହରଣ ଭାବେ ଏୟାର ଇଣ୍ଡିଆ ଓ ବୋଇଂ ମଧ୍ୟରେ ଐତିହାସିକ ରାଜିନାମାକୁ ଉଭୟ ନେତା ସ୍ୱାଗତ କରିଛନ୍ତି । ଏହି ରାଜିନାମା ଉଭୟ ଦେଶରେ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ । ଭାରତର ବେସାମରିକ ବିମାନ ଚଳାଚଳ କ୍ଷେତ୍ର ସମ୍ପ୍ରସାରଣ ଯୋଗୁଁ ସୃଷ୍ଟ ସୁଯୋଗର ବ୍ୟବହାର ପାଇଁ ବୋଇଂ ଓ ଅନ୍ୟ ଆମେରିକୀୟ କମ୍ପାନୀକୁ ପ୍ରଧାନମନ୍ତ୍ରୀ ଆମନ୍ତ୍ରଣ ଜଣାଇଛନ୍ତି ।

ନିକଟରେ ୱାଶିଂଟନ ଡି.ସି.ରେ ଆୟୋଜିତ ଗୁରୁତ୍ୱପୂର୍ଣ୍ଣ ଓ ଉଦୀୟମାନ ପ୍ରଯୁକ୍ତି (ଆଇସିଇଟି) ସମ୍ପର୍କିତ ପ୍ରଥମ ବୈଠକକୁ ଦୁଇ ନେତା ସ୍ୱାଗତ କରିବା ସହ ମହାକାଶ, ସେମିକଣ୍ଡକ୍ଟର, ଯୋଗାଣ ଶୃଙ୍ଖଳ, ପ୍ରତିରକ୍ଷା ସହ-ଉତ୍ପାଦନ ଓ ସହ-ବିକାଶ, ଜ୍ଞାନ ଓ ନବାଚାର ଇକୋସିଷ୍ଟମ ଆଦି କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି ପାଇଁ ଦୃଢ ଇଚ୍ଛା ବ୍ୟକ୍ତ କରିଛନ୍ତି । ଦୁଇ ଦେଶର ନାଗରିକଙ୍କ ମଧ୍ୟରେ ପ୍ରାଣବନ୍ତ ଓ ପାରସ୍ପରିକ ଲାଭପ୍ରଦ ସମ୍ପର୍କ ସୁଦୃଢ ପାଇଁ ଉଭୟ ନେତା ଏକମତ ହୋଇଛନ୍ତି ।

ଭାରତର ଜି ୨୦ ଅଧ୍ୟକ୍ଷତା ବେଳେ ଏହାର ସଫଳତା ସୁନିଶ୍ଚିତ କରିବାକୁ ଦୁଇ ନେତା ଲଗାତର ସମ୍ପର୍କରେ ରହିବାକୁ ସହମତ ହୋଇଛନ୍ତି ।

ନୂଆଦିଲ୍ଲୀ

ଫେବୃଆରୀ 14, 2023

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.